# ମୃତ୍ୟୁ ମୁହଁରୁ ଜୀବନର ଆଶା: ସରସ୍ୱତୀ

କେନ୍ଦୁଝର/ହରିଚନ୍ଦନପୁର,୧୨/୪ (ସୁବ୍ରତ ସ୍ୱାଇଁ/ଶ୍ରୀନିବାସ ପାଇକରାୟ) : ଜୁଆଙ୍ଗ ଗାଁ ଖଜୁରୀବାଣୀରେ ସବୁଦିନେ କାହାକୁ ନା କାହାକୁ ମ୍ୟାଲେରିଆ। କିନ୍ତୁ ଏହି ମ୍ୟାଲେରିଆ ପ୍ରବଣ ଜୁଆଙ୍ଗ ଅଞ୍ଚଳରେ ଶହ ଶହ ଆକ୍ରାନ୍ତଙ୍କୁ ମ୍ୟାଲେରିଆର ମୃତ୍ୟୁ ପଞ୍ଝାରୁ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି ଆଶାଦିଦି ସରସ୍ୱତୀ ପରିଡ଼ା। ମାତ୍ର ଗୋଟିଏ ବର୍ଷରେ ୫୯୪ଜଣ ଜ୍ୱର ଆକ୍ରାନ୍ତଙ୍କୁ ପରୀକ୍ଷା କରି ସେଥିମଧ୍ୟରୁ ୩୬୮ଜଣ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ସୁସ୍ଥ କରି ମୃତ୍ୟୁ ମୁହଁରେ ଜୀବନର ଆଶା ସଞ୍ଚାର କରିବାରେ ସେ ସଫଳ ହୋଇଛନ୍ତି।

କେନ୍ଦୁଝର ଭଳି ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ଆଦିମ ଅଧିବାସୀ ଜୁଆଙ୍ଗଙ୍କ ଅବସ୍ଥା କାହାକୁ ଅଛପା ନାହିଁ। ଏଭଳି ଏକ ଜୁଆଙ୍ଗ ଗ୍ରାମ ହରିଚନ୍ଦନପୁର ବ୍ଲକର ଖଜୁରୀବାଣୀ ସମେତ ପଡୋଶୀ ଖଣ୍ଡୁମରା ଏବଂ ବରପଦା ଗ୍ରାମର ଆଶାଦିଦି ହେଉଛନ୍ତି ସରସ୍ୱତୀ ପରିଡ଼ା। ଦିନ ଥିଲା ଏହି ପାହାଡ଼ତଳି ଗ୍ରାମରେ ନିୟମିତ ଭାବେ କେତେବେଳ ନା କେତେବେଳେ କିଏ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମରୁଥିଲା। କିନ୍ତୁ ଦିନ ବଦଳିଛି। ଆଶାଦିଦି ସରସ୍ୱତୀଙ୍କ ପାଇଁ ଏହି ଖଜୁରୀବାଣୀ ସମେତ ପଡୋଶୀ ଖଣ୍ଡୁମରା ଏବଂ ବରପଦା ଏବେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା 'ଶୂନ୍'ରେ ପହଞ୍ଚିଛି।

ଜଣାଯାଇଛି ଯେ, ଖଜୁରୀବାଣୀ, ଖଣ୍ଡୁମରା ଏବଂ ବରପଦା ଗ୍ରାମରେ ଘର ସଂଖ୍ୟା ୨୦୦ ହୋଇଥିବା ବେଳେ ଜନସଂଖ୍ୟା ପାଖାପାଖି ୧୨୦୦। ତେବେ ୨୦୧୫ ମସିହାରେ

ଖଜୁରୀବାଣୀ, ଖଣ୍ଡୁମରା ଏବଂ ବରପଦା ଗ୍ରାମର ୧୨୦୦ ଲୋକଙ୍କ ମଧ୍ୟରୁ ଅଧା ଅର୍ଥାତ ମୋଟ ୫୯୪ଜଣ ଜ୍ୱର ଆକ୍ରାନ୍ତ ହୋଇଥିଲେ। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୩୬୮ ଜଣଙ୍କର ଥିଲା ମ୍ୟାଲେରିଆ ପଜିଟିଭ୍।

ତେବେ ଏତେ ସଂଖ୍ୟକ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଭଲ କରିବା ପାଇଁ ଜୀବନକୁ ବାଜି ଲଗାଇ ଦେଇଥିଲେ ଆଶା ଦିଦି ସରସ୍ୱତୀ। ରାତି ଅଧରୁ ଆରମ୍ଭ କରି



ଭୋର୍ ତିନିଟା ବେଳେ ବି ସେ ଗୁରୁତର ଆକ୍ରାନ୍ତଙ୍କୁ ମେଡିକାଲରେ ପହଞ୍ଚାଇବା ଠାରୁ ଆରମ୍ଭ କରି ନିଜ ଘରେ ଥିବା ଚାଉଳ, କୁକୁଡା ବିକ୍ରି ପଇସାରେ ବି କେବେ କେବେ ଗରିବ ଜୁଆଙ୍ଗ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଔଷଧ ଯୋଗାଇ ଦେଇଛନ୍ତି ସରସ୍ୱତୀ। ଏମିତିକି ଗତବର୍ଷ ଏପ୍ରିଲ ମାସରେ ତାଙ୍କ ପାଖରେ ସରକାରଙ୍କ ପ୍ରଦତ୍ତ କ୍ଲୋରୋକୁଇନ୍ ବଟିକା ନ ଥିବାରୁ ସେ ନିଜ ସଞ୍ଚିତ ଅର୍ଥରୁ ଔଷଧ କିଣି ରୋଗୀଙ୍କୁ ଦେଇ ଭଲ କରିଛନ୍ତି। ତେବେ ତାଙ୍କର ଏହି ଅକ୍ଲାନ୍ତ ପରିଶ୍ରମ ବୃଥା ଯାଇନି । ବରଂ ତାଙ୍କ ପାଇଁ ୩୬୮ଜଣ ମ୍ୟାଲେରିଆ ଆକ୍ରାନ୍ତଙ୍କ ମଧ୍ୟରୁ କେହି ଜଣେ ବି ଅକାଳରେ ପ୍ରାଣ ହରାଇ ନାହାନ୍ତି। ବାସ୍, ତାହାହିଁ ସରସ୍ୱତୀଙ୍କ ପୁରସ୍କାର।

୨୦୧୫ ମସିହାରେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ମ୍ୟାଲେରିଆ ରୋଗୀ ଚିହ୍ନଟ କରିବା ରେକର୍ଡ ତାଙ୍କ ନାମରେ ଥିବା ବେଳେ ସର୍ବାଧିକ ୨୭ ହଜାର ଟଙ୍କା ପ୍ରୋତ୍ସାହନ ରାଶି ବି ପାଇଛନ୍ତି ସରସ୍ୱତୀ। ଖାଲି ପ୍ରୋତ୍ସାହନ ରାଶି ନୁହେଁ ବରଂ ରୋଗୀଟିଏ ଭଲ ହୋଇଗଲେ ତାଙ୍କ ପେଟ ପୁରିଯାଏ ବୋଲି କୁହନ୍ତି ଆଶାଦିଦି ସରସ୍ୱତୀ।

ସେ କେବଳ ମ୍ୟାଲେରିଆ ରୋଗୀ ଚିହ୍ନଟରେ ନିଜକୁ ସୀମିତ ରଖିନାହାନ୍ତି। ଏହି ଗରିବ ଜୁଆଙ୍ଗମାନଙ୍କର ବହୁବିଧ ବିକାଶରେ ମଧ୍ୟ ସେ ନିଜକୁ ସମର୍ପି ଦେଇଛନ୍ତି। ଜୁଆଙ୍ଗ ପିଲାମାନଙ୍କୁ ପାଠପଢ଼ିବା ଦିଗରେ ଉତ୍ସାହିତ କରିବା ସହିତ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର, ଜନ ଧନ ଯୋଜନାରେ ବ୍ୟାଙ୍କ ଜମା ଖାତା ଖୋଲିବା ପର୍ଯ୍ୟନ୍ତ ସବୁ କାମରେ ସେ ନିଜକୁ ସାମିଲ କରିଛନ୍ତି। ଆଶାଦିଦି ସରସ୍ୱତୀଙ୍କ କହିଛନ୍ତି, ମୁଁ ନିଜେ ଜଣେ ଗରିବ ମହିଳା ହୋଇଥିବାରୁ ଏହି ଜୁଆଙ୍ଗ ଦୁଃଖୀ ମୋତେ ସବୁବେଳେ ଆଉଟୁ ପାଉଟୁ କରେ। ମୋ ଦୁଆରେ ଠିଆ ହୋଇ କେହି ଯଦି ଜ୍ୱର ହୋଇଛି ବୋଲି କହେ, ସେ ଭଲ ନ ହେବା ପର୍ଯ୍ୟନ୍ତ ମୁଁ ଠିକ୍‌ସେ ଖାଇ ପାରେନି। ଏମାନେ ସଚେତନ ହେଲେ ଧୀରେ ଧୀରେ ପରିସ୍ଥିତି ବଦଳି ଯିବ। ସେଥିପାଇଁ ଏମାନଙ୍କର ସଚେତନତା ଉପରେ ମୁଁ ଅଧିକ ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି ଆଶାଦିଦି ସରସ୍ୱତୀ।

ସୂଚନାଯୋଗ୍ୟ କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ଜଣେ ଆଶା କର୍ମୀ ଯମୁନାମଣିଙ୍କୁ ପ୍ରଶଂସା କରିଥିଲେ। ତାଙ୍କୁ ସରକାରଙ୍କ ପକ୍ଷରୁ ବି ସମ୍ମାନିତ କରାଯାଇଥିଲା। ମାତ୍ର କେବଳ ଜଣେ ଯମୁନାମଣି ନୁହନ୍ତି, ତାଙ୍କ ଭଳି ଅନେକ ସେବା ସମର୍ପିତ ଆଶା କର୍ମୀ ଆମ ରାଜ୍ୟରେ ଅଛନ୍ତି ବୋଲି ପ୍ରମାଣିତ କରିଛନ୍ତି ସରସ୍ୱତୀ।

